# ବିଜୁ କୃଷକ ବିକାଶ ଯୋଜନା – ଡିପ ବୋରୱେଲ ପ୍ରକଳ୍ପ (Deep Bore Well Lift Irrigation Project) ର ହିତାଧିକାରୀ ଏବଂ ହିତାଧିକାରୀଙ୍କ ଜମି ସଲଗ୍ନ ଉକ୍ତ ସେଚାଞ୍ଚଳରେ ଥିବା ଅନ୍ୟ ସମସ୍ତ ଜମି ମାଲିକ ମାନଙ୍କ ମଧ୍ୟରେ ଚୁକ୍ତିନାମା

## ପରିଚ୍ଛେଦ – ୧

### ପକ୍ଷ, ଚୁକ୍ତିନାମାର ବିଷୟ ଓ ଉଦ୍ଦେଶ୍ୟ

ଧାରା – ୧ : ଚୁକ୍ତି ବିଷୟକ ପକ୍ଷ –

ଅଦ୍ୟ ତା ........................................ ରିଖ.................................................ଠାରେ ଶ୍ରୀ.................................................

ଗ୍ରାମ.............................................ପୋ. ଅ...........................................ଥାନା.............................................

ବ୍ଲକ.....................................ଜିଲ୍ଲା.................................................ଓଡିଶା ସରକାରଙ୍କର ଅଗଭୀର ନଳକୂପ

ଗଭୀର ନଳକୂପ ଉଠାଜଳସେଚନ ପ୍ରକଳ୍ପ ଯୋଜନା ମାଧ୍ୟମରେ ସ୍ଥାପିତ ଏକଗୋଟି ଗଭୀର ନଳକୂପ ଉଠାଜଳସେଚନ ପ୍ରକଳ୍ପ ର ହିତାଧିକାରୀ

(ଏହା ପରଠାରୁ ପ୍ରଥମ ପକ୍ଷ ଭାବରେ ଉଲ୍ଲିଖିତ)

ଶ୍ରୀ.............................................ଗ୍ରାମ...........................................ପୋ।ଅ.............................................

ଥାନା.............................................ବ୍ଲକ...........................................ଜିଲ୍ଲା.............................................

ଶ୍ରୀ.............................................ଗ୍ରାମ...........................................ପୋ।ଅ.............................................

ଥାନା.............................................ବ୍ଲକ...........................................ଜିଲ୍ଲା.............................................

ଶ୍ରୀ.............................................ଗ୍ରାମ...........................................ପୋ।ଅ.............................................

ଥାନା.............................................ବ୍ଲକ...........................................ଜିଲ୍ଲା.............................................

ଶ୍ରୀ.............................................ଗ୍ରାମ...........................................ପୋ।ଅ.............................................

ଥାନା.............................................ବ୍ଲକ...........................................ଜିଲ୍ଲା.............................................

ଉପରୋକ୍ତ ସମସ୍ତେ, ପ୍ରଥମ ପକ୍ଷଙ୍କ ଚାଷ ଜମିରେ ନିର୍ମିତ ଉକ୍ତ ଉଠାଜଳସେଚନ ପ୍ରକଳ୍ପ ସେଚାଞ୍ଚଳ ମଧ୍ୟରେ ଥିବା ଅନ୍ୟ ଜମିର ମାଲିକମାନ (ଏହା ପରଠାରୁ ଦ୍ବିତୀୟପକ୍ଷ ଭାବରେ ଉଲ୍ଲେଖିତ) ମଧ୍ୟରେ ଏହି ଚୁକ୍ତି ନାମା ସମ୍ପାଦନ କରାଗଲା ।

ଧାରା -୨ : ଚୁକ୍ତିନାମାର ବିଷୟ ବସ୍ତୁ –

କ) ଏହି ଚୁକ୍ତିନାମା ଏବଂ ନିମ୍ନଲିଖିତ ଧାରା ଗୁଡିକ ଦ୍ବାରା ଏହାଉଲ୍ଲେଖ କରାଯାଉଛି କି ଓଡିଶା ସରକାରଙ୍କର ଜଳସମ୍ପଦ ବିଭାଗ ତରଫରୁ ଓଡିଶା ଉଠାଜଳସେଚନ ନିଗମ ଦ୍ବାରା "Deep Bore Well Secha Karyakram (ଡିପ୍ ବୋରୱେଲ ପ୍ରକଳ୍ପ କାର୍ଯ୍ୟକ୍ରମ)" ମାଧ୍ୟମରେ ମୌଜା........................ ଖାତା ନଂ.............ପ୍ଲଟ୍ ନଂ.................. . ଉପରେ ନିର୍ମାଣ କରାଯାଉ ଥିବା ଏକ ଗୋଟି ଉଠାଜଳସେଚନ ପ୍ରକଳ୍ପ ର ଏକକ ମାଲିକାନା ଭିତ୍ତିରେ ପ୍ରଥମ ପକ୍ଷ ହିତାଧିକାରୀ ଅଟନ୍ତି । ଉକ୍ତ ପ୍ରକଳ୍ପର ସେଚାଞ୍ଚଳ ୨ ହେକ୍ଟର ଅଟେ । ଏହି ୨ ହେକ୍ଟର ସେଚାଞ୍ଚଳ ମଧ୍ୟରୁ ପ୍ରଥମ ପକ୍ଷଙ୍କର ମୋଟ ଜମିର ପରିମାଣ ............ ହେକ୍ଟର ରହିଥିବା ବେଳେ ଦ୍ବିତୀୟ ପକ୍ଷମାନଙ୍କର ମାଲିକାନାରେ ଥିବା ମୋଟ ଜମିର ପରିମାଣ ଅବଶିଷ୍ଟାଂଶ ................ ହେକ୍ଟର ଅଟେ । ପ୍ରଥମ ପକ୍ଷଙ୍କ ଜମିରେ ସ୍ଥାପିତ ହୋଇଥିବା ଏହି ଗଭୀର ନଳ କୂପ ଉଠାଜଳସେଚନ ପ୍ରକଳ୍ପ ଜଳ ଉକ୍ତ ସମସ୍ତ ସେଚାଞ୍ଚଳରେ ସମସ୍ତ ଜମି ମାଲିକଙ୍କ ମଧ୍ୟରେ ସୁଚାରୁ ରୂପେ ବଣ୍ଟନ କରିବା ଏହି ଚୁକ୍ତିନାମାର ଉଦ୍ଦେଶ୍ୟ । ଉକ୍ତ ୨ ହେକ୍ଟର ଜମିର ଆକଳିତ ନକ୍ସା ଏହି ଚୁକ୍ତିନାମା ସହିତ ସଂଲଗ୍ନ କରାଗଲା।

ଖ) ଏଥି ନିମନ୍ତେ ନିମ୍ନଲିଖିତ ଧାରା ଗୁଡିକରେ ବର୍ଣ୍ଣିତ ଚୁକ୍ତିର ସର୍ତ୍ତାବଳୀ ଉଭୟ ପକ୍ଷମାନଙ୍କ ଦ୍ବାରା ସହମତି ସହ ଗ୍ରହଣ କରାଗଲା।

ଧାରା -୩: ଚୁକ୍ତିନାମର ଉଦ୍ଦେଶ୍ୟ -

କ) "ଡିପ ବୋରୱେଲ ଉଠାଜଳସେଚନ ପ୍ରକଳ୍ପ" ଯୋଜନା ମାଧମରେ ସ୍ଥାପିତ ଏହି ଏକଗୋଟି ପ୍ରକଳ୍ପ ଦ୍ୱାରା ସମସ୍ତ୨ ହେକ୍ଟର ସେଚାଞ୍ଚଳରେ ଜଳସେଚନ କରିବା ଏହି ଚୁକ୍ତିନାମାର ପ୍ରାଥମିକ ଉଦ୍ଦେଶ୍ୟ।

ଖ ) ପ୍ରଥମ ପକ୍ଷ ଓ ଦ୍ୱିତୀୟ ପକ୍ଷମାନେ ନିଜ ନିଜ ମଧରେ ପାରସ୍ପରିକ ଆପୋଷ ଆଲୋଚନା , ବୁଝାମଣା , ଜଳକର ଧାର୍ଯ୍ୟ , ଜଳକର ଆଦାୟ, ଜଳସେଚିତ ଜଳର ସୁବିନିଯୋଗ ଓ ସୁଷମ ବଣ୍ଟନ କରିବା ସହ ସମସ୍ତ ସେଚାଞ୍ଚଳ ରେ ଚାଷ କାର୍ଯ୍ୟ କରି ଏହି ଯୋଜନର କିପରି ସଠିକ୍ ଲାଭ ପାଇବେ ତାହା ଏହି ରାଜିନାମର ଲକ୍ଷ୍ୟ ଅଟେ।

## ପରିଚ୍ଛେଦ -୨

## ଚୁକ୍ତିର ସର୍ତ୍ତାବଳୀ

ଧାରା -୧ : ଓଡିଶା ଉଠାଜଳସେଚନ ନିଗମ ଦ୍ୱାରା ସ୍ଥାପନ କରାଯାଇଥିବାଏହି ପ୍ରକଳ୍ପକୁ ଚଳାଇବା ସହ ଏହାର ରକ୍ଷଣାବେକ୍ଷଣ, ବିଦ୍ୟୁତ୍ ଦେୟ ଏତ୍ୟାଦିସମସ୍ତ ଖର୍ଚ୍ଚ ନିଗମକର୍ତ୍ତୃ ପକ୍ଷଙ୍କ ଠାରୁ ହସ୍ତାନ୍ତର ହେଲାପରେ ପ୍ରଥମ ପକ୍ଷ ବହନ କରିବେ।

ଧାରା-୨ : ଉକ୍ତ ପ୍ରକଳ୍ପର ଜଳସେଚନ କ୍ଷମତା ୨ ହେକ୍ଟର ଥିବାରୁ ଓ ଉକ୍ତ ସେଚାଞ୍ଚଳ ମଧରେ ଦ୍ୱିତୀୟ ପକ୍ଷମାନେ ଜମି ମାଲିକ ହୋଇଥିବାରୁ ପ୍ରଥମ ପକ୍ଷଙ୍କରଉକ୍ତ ସେଚାଞ୍ଚଳରେ ଥିବା ସମସ୍ତ ଜମି ଜଳସେଚିତ ହେଲାପରେ ବଳକା ଜଳ ଦ୍ୱିତୀୟ ପକ୍ଷମାନଙ୍କଜମିକୁ ଜଳସେଚନ ପାଇଁ ଆବଶ୍ୟକତା ଅନୁଯାୟୀ ପ୍ରଥମ ପକ୍ଷ ଯୋଗାଇ ଦେବେ । ଏଥି ନିମନ୍ତେ ପ୍ରଥମ ପକ୍ଷ କୌଣସି ବାଧା ଉପୁଯାଇ ପାରିବେ ନହିଁ ।

ଧାରା -୩: ଦ୍ୱିତୀୟ ପକ୍ଷମାନେ ଉକ୍ତ ସେଚାଞ୍ଚଳର ଜମି ମାଲିକ ହୋଇଥିବାରୁ ଜଳ ସେଚନ ନିମନ୍ତେ ଅନ୍ୟ କୌଣସି ସରକାରୀ ଯୋଜନା ଉପଯୋଗ ନକରି ପ୍ରଥମ ପକ୍ଷଙ୍କ ଠାରୁ ନିଜ ଜମିରେ ଜଳ ସେଚନ ପାଇଁ ଜଳ ନେବାକୁ ବାଧ ଅଟନ୍ତି। ଏଥିପାଇଁ ଦ୍ୱିତୀୟ ପକ୍ଷମାନେ ପ୍ରଥମପକ୍ଷଙ୍କୁ ଧାର୍ଯ୍ୟ ଜଳକର ପ୍ରଦାନ କରିବେ ।

ଧାରା -୪ : ପ୍ରଥମ ପକ୍ଷ ଉକ୍ତ ପ୍ରକଳ୍ପର ରକ୍ଷଣାବେକ୍ଷଣ, ବିଦ୍ୟୁତ୍ ଦେୟ ଇତ୍ୟାଦି ସମସ୍ତ ଖର୍ଚ୍ଚ ହିସାବକୁ ନେଇ ଚାଷର କିସମକୁ ଦେଖି ଓ ଦ୍ୱିତୀୟ ପକ୍ଷମାନଙ୍କ ସହ ଆଲୋଚନା କରି ଜଳକର ଧାର୍ଯ୍ୟ କରିବେ ।

ଧାରା-୫: ପ୍ରଥମ ପକ୍ଷ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଜଳକର ଯଦି ଦ୍ୱିତୀୟ ପକ୍ଷଙ୍କ ଦ୍ୱରା ଗ୍ରହଣୀୟ ନ ହୁଏ ତେବେ ଉଭୟ ପକ୍ଷ ଆପୋଷ ଆଲୋଚନା ମାଧମରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଜଳକର ଗ୍ରହଣ କରିବେ ।

ଧାରା -୬: ଦ୍ୱିତୀୟ ଆପୋଷ ଆଲୋଚନା ପରେ ପ୍ରଥମ ପକ୍ଷ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଜଳକର ବିନା ଦ୍ୱିଧା ଓ ଆପତ୍ତିରେ ଯଥା ସମୟରେ ପ୍ରଥମ ପକ୍ଷଙ୍କୁ ଦାଖଲ କରିବେ ।

ଧାରା-୭: ଯଦି ଦ୍ୱିତୀୟ ପକ୍ଷ , ପ୍ରଥମ ପକ୍ଷଙ୍କ ଦ୍ୱାରା ଧାର୍ଯ୍ୟ ଜଳକର ସଠିକ୍ ସମୟରେ ଓ ଧାର୍ଯ୍ୟ ମୂଲ୍ୟରେ ଦେବାପାଇଁ ହେଳା କରନ୍ତି ବା ଟାଳଟୁଳ ନୀତି ଅବଲମ୍ବନ କରନ୍ତି ଦେବେ ପ୍ରଥମ ପକ୍ଷ ଅଗ୍ରିମ ସାତଦିନ ଲିଖିତ ନୋଟିସ୍ ଦେଇ ଖିଲାପକାରୀ ଦ୍ୱିତୀୟ ପକ୍ଷଙ୍କଜମିକୁ ଜଳ ଯୋଗାଣ ବନ୍ଦ କରିଦେଇ ପାରିବେ ।

ଧାରା-୮: ଏହି ଚୁକ୍ତିନାମା ସମ୍ପାଦନ ସମୟରେ ପ୍ରଥମ ପକ୍ଷ ଏହି ଏକକ ଅଗଭୀର ନଳକୂପ ଜଳସେଚନ ପ୍ରକଳ୍ପର ପ୍ରକୃତ ଓ ନିର୍ବିବାଦ ମାଲିକ ଅଟନ୍ତି । ଯଦି ସେ ସ୍ଥାପନ କରାଯାଇଥିବା ପ୍ରକଳ୍ପର ଜମିକୁ ଅନ୍ୟକାହାକୁ ବିକ୍ରୀ କରନ୍ତି ତେବେ କ୍ରୟ କରିଥିବା ବ୍ୟକ୍ତି ଉକ୍ତ ପ୍ରକଳ୍ପର ମାଲିକ ହେବା ସହ ଦ୍ୱିତୀୟ ପକ୍ଷ ମାନଙ୍କ ସହ ପୁନଃ ଚୁକ୍ତିନାମା କରି ସେମାନଙ୍କ ଜମିକୁ ଜଳ ଯୋଗାଇ ଦେବାକୁ ବାଧ ଅଟନ୍ତି ।

## ପରିଚ୍ଛେଦ -୩

### ବିବିଧ

ଧାରା -୧: ଏହି ଚୁକ୍ତିନାମର ଯଦି କୌଣସି ପରିବର୍ତ୍ତନ ପାଇଁ ଓଡିଶା ସରକାରଙ୍କ ଜଳସମ୍ପଦ ବିଭାଗ ବା ଓଡିଶା ଉଠାଜଳସେଚନ ନିଗମ ଆବଶ୍ୟକ ମନେକରି ନିର୍ଦ୍ଦେଶନାମା ଜାରି କରନ୍ତି ତେବେ ତାହା ଉଭୟ ପକ୍ଷମାନଙ୍କ ପାଇଁ ଗ୍ରହଣୀୟ ହେବ ।

ଧାରା -୨: ସମୟାନୁସାରେ ଆବଶ୍ୟକତା ଓ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଚୁକ୍ତିର ସର୍ତ୍ତାବଳୀ ଉଭୟ ପକ୍ଷଙ୍କ ଆପୋଷ ସହମତି ଭିତ୍ତିରେ ସଂଶୋଧନ କରାଯାଇପାରିବ ।

ଧାରା-୩: ଓଡିଶା ଉଠାଜଳସେଚନ ନିଗମ କର୍ତ୍ତୃ ପକ୍ଷଙ୍କ ଦ୍ୱାରା ପ୍ରଥମ ପକ୍ଷଙ୍କୁ ପ୍ରକଳ୍ପ ହସ୍ତାନ୍ତର ଦିବସ ଠାରୁ ଏହି ଚୁକ୍ତିନାମା କାର୍ଯ୍ୟକାରୀ ହେବ ଓ ପ୍ରକଳ୍ପଟି ଚଳନକ୍ଷମ ଥିବା ପର୍ଯ୍ୟନ୍ତ ବଳବତ୍ତର ରହିବ ।

ଧାରା-୪: ଉପରୋକ୍ତ ସର୍ତ୍ତମାନଙ୍କୁ କୌଣସି ପକ୍ଷ ଉଲ୍ଲଂଘନ କରିବେ ନାହିଁ । ଉଲ୍ଲଂଘନ କଲେ ଅପର ପକ୍ଷ ଆଇନ୍ ଅନୁଯାୟୀ ବିଚାରାଳୟର ଆଶ୍ରୟ ନେଇପାରିବେ । ଏହି ଚୁକ୍ତିନାମା ସହିତ ପ୍ରକଳ୍ପର ଆୟକଟ୍ ନକ୍ସା ଏବଂ ଉଭୟ ପକ୍ଷଙ୍କ ଜମିର ବିବରଣୀ ସଂଲଗ୍ନ କରାଗଲା । ଏହି ଚୁକ୍ତିନାମା ପାଇଁ ଆବଶ୍ୟକ ଦେଉଥିବା ଟ.୨୧.୦୦ଙ୍କା ମୂଲ୍ୟର Non judicial stamp paper ବାବଦ ଦେୟ ପ୍ରଥମ ପକ୍ଷ ବହନ କରିବେ ।

ସ୍ୱାକ୍ଷର

ସ୍ୱାକ୍ଷର

ପ୍ରଥମ ପକ୍ଷ

ଦ୍ୱିତୀୟ ପକ୍ଷ

ସାକ୍ଷୀମାନଙ୍କର ସ୍ୱାକ୍ଷର:

୧.

୨.

୧.

୨.